ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 864/14-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୪ ଡିସେମ୍ବର,୨୦୨୦**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରିଥିଲେ । କ୍ୟାବିନେଟ୍ ବୈଠକରେ ଆଇନ ଓ ପୂର୍ତ୍ତ ବିଭାଗ ସଂପୃକ୍ତ ଦୁଇଟି ପ୍ରମୁଖ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଓଡ଼ିଶା କ୍ୟାବିନେଟ୍ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଅନୁରୂପ ଶ୍ରୀଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶକୁ ଅନୁମୋଦନ କରିଛନ୍ତି । ଏକାଦଶ ଶତାବ୍ଦୀର ଏହି ଶୈବପୀଠ ବର୍ତ୍ତମାନ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ ବଳରେ ପରିଚାଳିତ ହେଉଛି ଏବଂ ଏହାର ନୀତିକାନ୍ତି ତଥା ପରିଚାଳନାର ଉତ୍ତମ ରୂପାୟନ ନିମନ୍ତେ ଶ୍ରୀଲିଙ୍ଗରାଜ ମନ୍ଦିର ଆଇନ ସହାୟକ ହେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଲିଙ୍ଗରାଜ ମନ୍ଦିର ଆଇନ ଅନୁସାରେ ମନ୍ଦିରର ସେବା, ପୂଜା ଓ ନୀତି ସମେତ ସମସ୍ତ ବ୍ୟାପାର ପରିଚାଳନା କରିବା ପାଇଁ ଏକ ୧୫ ଜଣିଆ ପରିଚାଳନା କମିଟି ଗଠନ କରାଯିବ । ଏହି କମିଟି ମନ୍ଦିର ପ୍ରଶାସନ ସହିତ ମନ୍ଦିର ବାହାରେ ଥିବା ବିଭିନ୍ନ ମନ୍ଦିର ଓ ମଠଗୁଡ଼ିକର ସଂପତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ମନ୍ଦିରର ଦୈନନ୍ଦିନ ବ୍ୟାପାର ପରିଚାଳନା ପାଇଁ ଜଣେ ପ୍ରଶାସକ ନିଯୁକ୍ତ ହେବେ ଏବଂ ଏହାର ବଜେଟ୍, ଅଡିଟ୍  ଓ ପରିଦର୍ଶନ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ । ଏପରି ଆଇନ ମନ୍ଦିରର ସୁରକ୍ଷା, ସଂପତ୍ତିର ପରିଚାଳନା ଏବଂ ଜବରଦଖଲକାରୀଙ୍କ ଉଚ୍ଛେଦରେ ସହାୟକ ହେବ ବୋଲି ସେ କହିଛନ୍ତି  ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଏକ ସୁସ୍ଥ ପରିବେଶ ଓ ସମୃଦ୍ଧ ଭବିଷ୍ୟତ ନିମନ୍ତେ ସମସ୍ତଙ୍କୁ ଦୈନନ୍ଦିନ ଜୀବନରେ ବିଚାରବନ୍ତ ଭାବେ ଶକ୍ତିର ବ୍ୟବହାର ସହ ଶୂନ୍ୟ ଅପବ୍ୟୟକୁ ସୁନିଶ୍ଚିତ କରିବା ଏବଂ ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା, ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରୁଥିବା

କାଳଜୟୀ ସୃଷ୍ଟି ଓ ସମାଜ ସଂସ୍କାର ଦିଗରେ ତାଙ୍କ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ଓଡ଼ିଶା ସରକାର ପୁରୀଠାରେ ନୂତନ ଭେଷଜ ମହାବିଦ୍ୟାଳୟ ନିମନ୍ତେ ଏକ ୬୫୦ ଶଯ୍ୟାବିଶିଷ୍ଟ ଟିଚିଂ ହସ୍ପିଟାଲ୍ ନିର୍ମାଣ ନିମନ୍ତେ ସ୍ଥିର କରିଛନ୍ତି । ସରକାର ମଧ୍ୟ ଯାଜପୁରରେ ୧୦୦ ଆସନବିଶିଷ୍ଟ ଏକ ନୂତନ ଭେଷଜ ମହାବିଦ୍ୟାଳୟ ଓ ୫୦୦ ଶଯ୍ୟାବିଶିଷ୍ଟ ଟିଚିଂ ହସ୍ପିଟାଲ୍ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।
- ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୧୩ ରୁ ୧୪ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଦୁଇଟି ମାମଲା ଦାଏର କରାଯାଇଥିବାବେଳେ ୩୧ ଜଣ ବ୍ୟକ୍ତିଙ୍କୁ ଗିରଫ, ୬୦୮ ଟି ଗାଡ଼ି ଜବତ ଏବଂ ୨୦,୩୪,୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୪,୦୯,୬୭୫ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୪,୦୮୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୯,୦୬୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୧୧ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୧୫୬ ରହିଛି ।
- ୩,୧୫୬ ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**